# ଧାନ ଫସଲର
## ରୋଗ-ପୋକ ପରିଚାଳନା




ଆଲେଖ୍ୟ:

ଡ. କ୍ଷୀରୋଦ କୁମାର ବିଶ୍ୱାଳ

ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ସଂପାଦନା:

ଡ. ମାନସୀ ଭୋଳ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଧାନ ଫସଲର ରୋଗ-ପୋକ ପରିଚାଳନା

*ଲେଖକ :*

**ଡ. କ୍ଷୀରୋଦ କୁମାର ବିଶ୍ୱାଳ**
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

*ସଂପାଦନା :*

**ଡ. ମାନସୀ ଭୋଳ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

*ପ୍ରକାଶକ :*
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼

*ପ୍ରଥମ ପ୍ରକାଶ :*
ଜାନୁଆରୀ, ୨୦୨୪

*ମୁଦ୍ରଣ :*
**ଅଙ୍କିତା ଗ୍ରାଫିକ୍ସ,** ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By:**
**Dr. Kshirod Kumar Biswal**
Scientist, Plant Protection

**Edited by** :
**Dr. Manasi Bhol**
Sr. Scientist & Head
Krishi Vigyan Kendra, Deogarh

**Published by** :
Krishi Vigyan Kendra,
Deogarh


**First Edition**
January.2024

**Printed by :**
Ankita Graphics, Bhubaneswar.
Ph : 9437077337

# ଧାନର ବିଭିନ୍ନ ରୋଗ-ପୋକ ଓ ତା'ର ପରିଚାଳନା

## ଧାନର କାଣ୍ଡବିନ୍ଧା ପୋକ

ଧାନ ଫସଲରେ ତଳି ଘରାରୁ ଆରମ୍ଭ କରି ଧାନ ପାଚିବା ଅବସ୍ଥା ପର୍ଯ୍ୟନ୍ତ ସବୁ ସମୟରେ ଦେଖାଯାଏ। ପିଲ ଅବସ୍ଥାରେ କାଣ୍ଡବିନ୍ଧା ପୋକର ଶୁକ ମଞ୍ଜପତ୍ରକୁ ତଳୁ କାଣ୍ଡ ପାଖରୁ କାଟିଦିଏ। ଫଳରେ ମଞ୍ଜପତ୍ରଟି ଧଳା ଦେଖାଯାଏ। କେଣ୍ଡା ଅବସ୍ଥାରେ ପିଲର ତଳକାଣ୍ଡକୁ କାଟିଦେବା ଦ୍ୱାରା ଧଳା କେଣ୍ଡା ଦେଖାଯାଏ। ବର୍ଗମିଟର ପ୍ରତି କାଣ୍ଡବିନ୍ଧା ପୋକର ଗୋଟିଏ ଅଣ୍ଡାପୁଞ୍ଜ ବା ଶତକଡା ୫ ଭାଗ ଧଳା ମଞ୍ଜପତ୍ର ଦେଖିଲେ ଦମନ ବ୍ୟବସ୍ଥା ଗ୍ରହଣ କରାଯାଏ।




### ନିୟନ୍ତ୍ରଣ ପଦ୍ଧତି

୧. ଖରାଟିଆ ଚାଷ କରି ମୂଳି ଫସଲ ନଷ୍ଟ କରିବା

୨. ତଳି ଉପାଡିବାର ୭ଦିନ ପୂର୍ବରୁ ତଳି ଘରାରେ ଦାନାଦାର ବିଷ ପ୍ରୟୋଗ କରିବା


୩. ଶତକଡା ୦.୦୨ ଭାଗ କ୍ଲୋରପାଇରିଫସ୍ ଦ୍ରବଣରେ ତଳିଚେର ବିଶୋଧନ

୪. ରୋଇବାର ୧୫ ଦିନ ପରେ ଏକର ପ୍ରତି ୪ଟି ସଙ୍ଗ ଆକର୍ଷକ ଥୋପ ବସାଇବା

୫. ମୂଳ ଜମିରେ ଦାନାଦାର ବିଷ ପ୍ରୟୋଗ କଲାବେଳେ ପରାଶ୍ରୟୀ କୀଟ ଛାଡିବା

୬. ଆବଶ୍ୟକ ମୁତାବକ କୀଟନାଶକ ଯଥା ବାଇଫେନ୍‌ଥ୍ରିନ୍ ୧୦ ଇସି ୫୦ ମିଲି କାରଟାର ହାଇଡ୍ରୋକ୍ଲୋରାଇଡ୍ ୪% ଜି ୨୦ କିଗ୍ରା ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ ଏସ୍‌ସି ୫୦ ମିଲି କିମ୍ବା ଫିପ୍ରୋନିଲ୍ ୫ ଏସ୍‌ସି ୧୦୦୦ମିଲି ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ।

## ଧାନର ଲେଡାପୋକ



ବନ୍ୟାଜଳ ଛାଡିଗଲା ପରେ ଲେଡ଼ାପୋକର ଶୁକ ଗୁଡିକ ସନ୍ଧ୍ୟାପରେ ଦଳଦଳ ହୋଇ ଧାନ ବିଲରେ ପଶି ପତ୍ର



କାଟି ଖାଇ ଯାଆନ୍ତି। ଏପରିକି ଗଛ ମୂଳ ପାଖରୁ କାଣ୍ଡକୁ କାଟି ଦିଅନ୍ତି। ଫଳରେ ବିଲ ଗାଈ ଚରିଗଲା ଭଳି ଦେଖାଯାଏ। ଧାନ ବିଲରେ ଏହି ପୋକ ଦେଖିଲା ମାତ୍ରେ ଏହାର ଦମନ ପଦ୍ଧତି ଅବଲମ୍ବନ କରିବା।

ଆବଶ୍ୟକ ମୁତାବକ କୀଟନାଶକ କ୍ଲୋରପାଇରିଫସ୍ ୫୦% + ସାଇପରମେଥ୍ରିନ୍ ୫ ଇସି କିମ୍ବା ପ୍ରୋଫେନୋଫସ୍ ୫୦ ଇସି ୧୦୦୦ ମିଲି ୫୦୦ ଲିଟର ପାଣିରେ ଏକ ହେକ୍ଟର ଜମିରେ ସିଞ୍ଚନ କରନ୍ତୁ।



## କେଣ୍ଡାକଟା ପୋକ

କେଣ୍ଡାକଟା ପୋକର ଶୁକ କେଣ୍ଡା ପାଚିଲାବେଳେ ଗଛରେ ଚଢ଼ି ଧାନକେଣ୍ଡା ଗୁଡ଼ିକ କାଟି ପକାଏ। ଏଥିପାଇଁ ଆମେ ନିମ୍ନଲିଖିତ ପଦ୍ଧତି ଅନୁସରଣ କରିବା।

୧. ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗକୀଟ ମାରିବା

୨. ଆକ୍ରାନ୍ତ ଜମିର ଚାରିପଟେ ଗୁଣ୍ଡ ଔଷଧ ବିଞ୍ଚିବା

୩. ସନ୍ଧ୍ୟାପରେ ଏକର ପ୍ରତି ୫୦୦ ମି.ଲି. ହିସାବରେ କ୍ଲୋରପାଇରିଫସ୍ ତରଳ ବିଷ ପ୍ରତି ୭ ଦିନ ଅନ୍ତରରେ ୨-୩ଥର ସିଞ୍ଚନ କରିବା।

## ଗନ୍ଧି ପୋକ





ଗନ୍ଧିପୋକ ଧାନ ଫୁଲ ଉଡାଇବା ଅବସ୍ଥାରୁ ବଂଶ ବୃଦ୍ଧି ଆରମ୍ଭ କରି କ୍ଷୀର ଢ଼ୋକିବା ଅବସ୍ଥାରେ ଅଧିକ ମାତ୍ରାରେ କ୍ଷୟକ୍ଷତି ଘଟାଇଥାଏ। ଏହି ପୋକ ଆକ୍ରମଣର ଲକ୍ଷଣ ହେଲା ଧଳାକେଣ୍ଡା ବାହାରିବା, ଧାନ ଅଗାଡି ହେବା ଓ କଳାକଳା ଦାଗ ଦେଖା ଦେବା। ବୁଦାପ୍ରତି ଗୋଟିଏ ପୋକ ଦେଖିଲେ ଦମନ କରନ୍ତୁ। ଏଥିପାଇଁ ନିୟନ୍ତ୍ରଣ ବ୍ୟବସ୍ଥା ସ୍ୱରୂପ

୧. ଭୋର ସମୟରେ ବିଲରେ ଗୁଣ୍ଡ ଔଷଧ ପ୍ରୟୋଗ କରନ୍ତୁ।


୨. ନିମ୍ବ ମଞ୍ଜି ଛେଚା ଦ୍ରବଣକୁ ୫% ହାରରେ ଜମିରେ ସିଞ୍ଚନ କଲେ ଏହି ପୋକ ନିୟନ୍ତ୍ରଣ ହୋଇଥାଏ।

୩. ଜମିରେ ପଚା ଗେଣ୍ଡାର ଥୋପ ବ୍ୟବହାର କରନ୍ତୁ।


୪. ଏକର ପ୍ରତି ୫୦୦ ମିଲି ମନୋକ୍ରେଟୋଫସ୍ ବା କ୍ଲୋରପାଇରିଫସ୍ ପ୍ରୟୋଗ କରନ୍ତୁ।


## ଗୁଣ୍ଡି ପୋକ

ଧାନ ରୋଇବାର ୭୦-୮୦ ଦିନ ପରେ ଗୁଣ୍ଡିପୋକ ଗଛକୁ ଆକ୍ରମଣ କରିଥାନ୍ତି। ଏହି କୀଟର ଅର୍ଭକ ଗୁଡିକ କାଣ୍ଡମୂଳରେ ରହି ଗଛରୁ ରସ ଶୋଷଣ କରିବାରୁ ଗଛ ଜଳିଗଲା ଭଳି ଦେଖାଯାଏ। ପ୍ରତି ବୁଦାରେ ୮-୧୦ ମାଟିଆଗୁଣ୍ଡି ବା ଧଳାପିଠିଆ ଗୁଣ୍ଡିପୋକ ବା ୧୫-୨୦ଟି ହଳଦୀଗୁଣ୍ଡି ପୋକ ଦେଖିଲେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ।


ଆକ୍ରାନ୍ତ ଧାନକ୍ଷେତ


ମାଟିଆଗୁଣ୍ଡି


ଧଳାପିଠିଆ


ହଳଦୀଗୁଣ୍ଡି

### ନିୟନ୍ତ୍ରଣ ବ୍ୟବସ୍ଥା

୧. ଚକଡା ପୋକ କ୍ଷତି ଦେଖିଲା ମାତ୍ରେ ୩-୪ ଦିନ ବ୍ୟବଧାନରେ ଅଦଳ ବଦଳ କରି ଜମିରେ ଜଳ ସେଚନ ଓ ନିଷ୍କାସନ କରିବା ଆବଶ୍ୟକ।

୨. ଗଛ କନ୍ଦି କଲେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ଗଛ ମୂଳରେ ପଡିବ ଓ କୀଟ ସଂଖ୍ୟା କମିଯିବ।

୩. ଆଲୋକ ଯନ୍ତା ବସାଇ ହଳଦୀ ଗୁଣ୍ଡି ପୋକ ସଂଖ୍ୟା ହ୍ରାସ କରାଯାଇ ପାରେ।

୪. ଫ୍ଲୋନିକାମାଇଡ୍ ୫୦ ଡବ୍ଲୁଜି ୧୫୦ ଗ୍ରାମ୍ କିମ୍ବା ଥାଇଓମେଥୋକ୍ସାମ ୨୫ ଡବ୍ଲୁଜି ୧୦୦ ଗ୍ରାମ୍ ଡାଇନୋଟିଫୁରନ୍ ୨୦ ଏସ୍‌ଜି ୨୦୦ ଗ୍ରାମ ୫୦୦ ପାଣିରେ ଓ ମୂଳଭାଗରେ ସିଞ୍ଚନ କରନ୍ତୁ।


## ବଙ୍ଗୀପୋକ

ବର୍ଷା ଦିନିଆ ଧାନ ଫସଲରେ ବଙ୍ଗୀପୋକ ଦେଖାଯାଇଥାଏ। ଏହାର ମାଗଟ୍ ଗୁଡିକ ପତ୍ର ମେଳିବା ସ୍ଥାନରେ ପତ୍ର ଆଛଦକୁ କଣାକରିବା ଯୋଗୁଁ ଆକ୍ରାନ୍ତପତ୍ର ଆଛଦ ପିଆଜ ଶଣ୍ଢରେ ରୂପାନ୍ତରିତ ହୋଇଥାଏ। ସାଧାରଣତଃ ଥୋଡପତ୍ର ବାହାରିବା ପରେ ବଙ୍ଗୀପୋକ ଦେଖାଯାଏ ନାହିଁ। ଧାନ ଜମିରେ ଶତକଡା ୫ ଭାଗ ପିଆଜ ଶଣ୍ଢ ପତ୍ର ଦେଖିଲେ ପ୍ରତିକାର କରନ୍ତୁ।



ବଙ୍ଗୀପୋକ ଆକ୍ରାନ୍ତ ଶଣ୍ଢା


ବଙ୍ଗୀପୋକ ଶୂକ



ବଙ୍ଗୀପୋକ

୧. ଜମିରେ ଆଲୋକ ଯନ୍ତା ବସାନ୍ତୁ।

୨. ଆର୍ଥିକ ଦେହଳୀ ସୀମାରେ ଶଣ୍ଢା ସଂଖ୍ୟା ପହଞ୍ଚିଲେ ଦାନାଦାର କାର୍ବୋଫୁରାନ୍ ୩ଜି ୨୫ କିଗ୍ରା କାର୍ବୋସଲ୍ପାନ୍ ୨୫ ଇସି ୧୦୦୦ ମି.ଲି., ଫିପ୍ରୋନିଲ୍ ୫ ଏସ୍ସି ୧୦୦୦ମିଲି ହେକ୍ଟର ପ୍ରତି ସିଞ୍ଚନ କରନ୍ତୁ।

## ପତ୍ରମୋଡ଼ା ପୋକ

ଧାନ ଗଛ ପିଲ ମାରିବା ସମୟରେ ପତ୍ରମୋଡା ପୋକର ଶୁକ ଧାନ ପତ୍ରର ଦୁଇ ଧାରକୁ ଅଗ ଆଡୁ ମୋଡ଼ି ତା'ଭିତରେ ରହି ସବୁଜ ଅଂଶକୁ କୋରି କୋରି ଖାଇଯାଏ। ଆକ୍ରାନ୍ତ ପତ୍ର ଗୁଡ଼ିକ ନଷ୍ଟ ହୋଇ ଧଳା ଝାଡୁ ପରି ଦେଖାଯାଆନ୍ତି। ଅଧିକ ଆକ୍ରମଣ ହେଲେ ସଂପୂର୍ଣ୍ଣ ଧାନ କ୍ଷେତ ନଷ୍ଟ ହୋଇଯାଏ। ଧାନ ବୁଦା ପ୍ରତି ୨ଟି ପତ୍ରମୋଡ଼ା ପୋକର ଶୁକ ଦେଖିଲେ ଦମନ ପଦ୍ଧତି ଅବଲମ୍ବନ କରନ୍ତୁ।


ପୂର୍ଣ୍ଣାଙ୍ଗ ପୋକ


ପୋକର ଶୂକ


ଆକ୍ରାନ୍ତ ବୁଦା

୧. ଜମିରେ ଆଲୋକ ଯନ୍ତା ବସାନ୍ତୁ।

୨. ହେକ୍ଟର ପ୍ରତି ୫୦,୦୦୦ ପରାଶ୍ରୟୀ କୀଟ ୮-୧୦ ଦିନ ଅନ୍ତରରେ ଛାଡ଼ିବା ଏବଂ ଇଣ୍ଡୋକ୍ସାକାର୍ବ ୧୫.୮ଇସି ୨୦୦ ମିଲି, ଏମାମେକ୍ଟିନ୍ ବେନଜୋଏଟ୍ ୧.୯ ଇସି ୪୨୫ ମିଲି, କ୍ଲୋରାଣ୍ଟ୍ରାନିଲ୍ପେର ୧୮.୫ ଏସ୍ସି ୨୦୦ ମିଲି ପ୍ରୟୋଗ କରନ୍ତୁ।

## ନଳୀପୋକ

ଉଭୟ ବର୍ଷା ଓ ଖରା ଦିନିଆ ଫସଲରେ ଗଛ ପିଲ ମାରିବା ସମୟରେ ନଳୀ ପୋକର ଶୁକ ଧାନ ପତ୍ରର ଧାରରୁ କିଛି ଅଂଶ କାଟି ନଳୀ ତିଆରି କରିଥାଏ। ନଳୀ ଭିତରୁ ବାହାରି ସବୁଜ ଅଂଶକୁ ଖାଇଯିବା ଫଳରେ ପତ୍ର ଧଳା ଦେଖାଯାଏ। ଅଧିକ ଆକ୍ରମଣ ହେଲେ ସଂପୂର୍ଣ୍ଣ ଧାନକ୍ଷେତ ନଷ୍ଟ ହୋଇଯାଏ। ଧାନ ବୁଦା ପ୍ରତି ୨ଟି ନଳୀ ଦେଖିଲେ ନିୟନ୍ତ୍ରଣ ପଦ୍ଧତି ଅବଲମ୍ବନ କରନ୍ତୁ।



ପୂର୍ଣ୍ଣାଙ୍ଗ ପୋକ



ଆକ୍ରାନ୍ତ ଧାନକ୍ଷେତ

୧. ଆଲୋକ ଯନ୍ତା ବସାନ୍ତୁ।

୨. ଏକର ପ୍ରତି ୨୦,୦୦୦ ହିସାବରେ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ପ୍ରତି ୭ଦିନ ଅନ୍ତରରେ ୨/୩ ଥର ଜମିରେ ଛାଡ଼ନ୍ତୁ।

୩. ହେକ୍ଟର ପ୍ରତି ଫିପ୍ରୋନିଲ୍ ୫ ଏସ୍ ସି ୧୦୦୦ ମି.ଲି., ଇଣ୍ଡୋକ୍ସାକାର୍ବ ୧୪.୫ ଏସ୍‌ସି ୫୦୦ ମିଲି କିମ୍ବା ପ୍ରୋଫେନୋଫସ୍ ୫୦ ଇସି ୧୦୦୦ ମିଲି ସିଞ୍ଚନ କରନ୍ତୁ।

## ପତ୍ରଖିଆ ପୋକ

ବର୍ଷାଦିନେ ପତ୍ରଖିଆପୋକ ଗଛ ପିଲ ମାରିବା ସମୟରେ ଦେଖାଯାଏ। ଏହି ପୋକଗୁଡିକର ଶୁକ ଧାନ ଗଛର ପତ୍ରକୁ ଖାଇ ଯାଆନ୍ତି। ଫଳରେ ପତ୍ରଗୁଡିକ ଧଳା ଦେଖାଯାଏ ଓ ନଷ୍ଟ ହୋଇଯାଏ। ଏହାର ନିୟନ୍ତ୍ରଣ ପାଇଁ

୧. ଜମିରେ ଆଲୋକ ଯନ୍ତା ବସାନ୍ତୁ।


୨. ଏକର ପ୍ରତି ୨୦,୦୦୦ ହିସାବରେ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ପ୍ରତି ୭ଦିନ ଅନ୍ତରରେ ୨/୩ଥର ଜମିରେ ଛାଡ଼ନ୍ତୁ।



୩. ହେକ୍ଟର ପ୍ରତି ଏମାମେକ୍ଟିନ୍ ବେଞ୍ଜାଏଟ୍ ୧.୯ ଇସି ୪୨୫ ମିଲି, ଇଣ୍ଡୋକ୍ସାକାର୍ବ ୧୪.୫ ଏସ୍‌ସି ୩୫୦ ମିଲି କିମ୍ବା ସ୍ପାଇନେଟୋରାମ୍ ୧୧.୭ ଏସ୍‌ସି ୫୪୦ ମିଲି ସିଞ୍ଚନ କରନ୍ତୁ।

୪. ଏକର ପ୍ରତି ୧ ରୁ ୨ କି.ଗ୍ରା ହିସାବରେ ବିଟି ଜାତୀୟ ବୀଜାଣୁ ବିଷ ପ୍ରୟୋଗ କରନ୍ତୁ।

## ଧାନର ଦହିଆ ପୋକ ଓ ତାର ଦମନ



ଦହିଆ ପୋକର ଅର୍ଭକ



ଆକ୍ରାନ୍ତ ଧାନ ବୁଦା

ଖରା ଦିନିଆ ଫସଲରେ ଏହି ପୋକ ବେଶୀ ଦେଖାଯାଏ। ଗଛ ପିଲ ମାରିବା ସମୟରେ ଏହି ପୋକଗୁଡିକ ଦେଖା ଯାଆନ୍ତି। ଏମାନେ ମେଞ୍ଚାମେଞ୍ଚା ହୋଇ ପତ୍ରଆଚ୍ଛଦ ଭିତରେ ଥାଆନ୍ତି। ଏହାର ଅର୍ଭକ ଗୁଡ଼ିକ ରସ ଶୋଷିନେବା ଫଳରେ ପତ୍ର ହଳଦିଆ ପଡ଼ି ମୋଡି ହୋଇଯାଏ। ଆକ୍ରାନ୍ତ ବୁଦାରୁ କେଣ୍ଡା ବାହାରେ ନାହିଁ। ବିଶେଷ କରି ଏହି ପୋକ ଆକ୍ରମଣ ହିଡ଼ ପାଖରୁ ଆରମ୍ଭ ହୋଇ ଜମି ଭିତରକୁ ମାଡ଼ିଯାଏ।

୧. ଦହିଆ ପୋକ ଆକ୍ରାନ୍ତ ବୁଦା ଗୁଡ଼ିକ ଉପାଡ଼ି ନଷ୍ଟ କରିଦିଅନ୍ତୁ।

୨. ହେକ୍ଟର ପ୍ରତି ଏସିଫେଟ୍ ୭୫ ଏସ୍‌ପି ୧୦୦୦ ଗ୍ରାମ୍, ଥାଇଓମେଥୋକ୍ସାମ ୨୫ ଡବ୍ଲୁଜି ୧୦୦ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୪୦ ମିଲି ସିଞ୍ଚନ କରନ୍ତୁ।

## ଧାନର ବିରିହା ପୋକ ଓ ତାର ଦମନ






ବିରିହା ପୋକ ଦ୍ୱାରା ଆକ୍ରାନ୍ତ ଫସଲ

ବିରିହା ପୋକ ତଳିଘରା ଠାରୁ ଆରମ୍ଭ କରି ଧାନ ରୋଇବାର ଦେଢ଼ମାସ ପର୍ଯ୍ୟନ୍ତ ଜମିରେ ଦେଖାଦେଇଥାଏ। ପୂର୍ଣ୍ଣାଙ୍ଗ ପୋକ ଓ ଅର୍ଭକ ପତ୍ରର ସବୁଜ ଅଂଶକୁ ସିଧା ସିଧା ଖାଇ ଯିବା ଫଳରେ ପତ୍ରରେ ସମାନ୍ତରାଳ ଧଳା ଧଳା ଗାର ଦେଖାଯାଏ। ତଳିଘରାରେ ଏହି ପୋକ ଆକ୍ରମଣ ବେଶୀ ହେଲେ ଆଉଥରେ ବିହନ ବୁଣିବାକୁ ପଡ଼େ।


ବିରିହା ପୋକ ଆକ୍ରମଣରୁ ଧାନ ଗଛକୁ ରକ୍ଷାକରିବାକୁ ହେଲେ ହେକ୍ଟର ପ୍ରତି ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୧.୯ ଇସି ୪୨୫ ଗ୍ରାମ ଇଣ୍ଡୋକ୍ସାକାର୍ବ ୧୫.୮ ଇସି ୨୦୦ ମିଲି କିମ୍ବା ଲାମ୍‌ଡାସାଇହାଲୋଥ୍ରିନ୍ ୫ ଇସି ୨୫୦ ମିଲି ସିଞ୍ଚନ କରନ୍ତୁ।

## ଧାନ ଫସଲରେ ମହିଷା ରୋଗ

ଧାନ ଫସଲର ସବୁ ଅବସ୍ଥାରେ ଏହି ରୋଗ ଦେଖାଯାଏ। ଖରିଫ୍ ଋତୁରେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଏବଂ ଡାଲୁଅ ଧାନରେ ଫେବୃଆରୀ ୧୫ ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ମହିଷା ରୋଗ ଦେଖାଯାଏ। ଧାନପତ୍ରରେ ଆଖି ଭଳିଆ ଦାଗମାନ ଦେଖାଯାଏ। କେଣ୍ଡାରେ ମଧ୍ୟ ଏହି ରୋଗ ଦେଖାଯାଏ। ପ୍ରତି ପତ୍ରରେ ୨ ରୁ ୫ ଟି ଦାଗ ଦେଖିଲେ ପ୍ରତିକାର କରନ୍ତୁ।



ପତ୍ର ମହିଷା



ଗଣ୍ଠିମହିଷା



ଥୋଡ଼ ମହିଷା

୧. କମ୍ ପରିମାଣର ଯବକ୍ଷାରଜାନ ସାର ବ୍ୟବହାର କରନ୍ତୁ।

୨. ପ୍ରତି କି.ଗ୍ରା. ଧାନ ବିହନ ପିଛା ୧.୫ ଗ୍ରାମ ବାଭିଷ୍ଟିନ୍ ଗୋଳାଇ ବିହନ ବିଶୋଧନ କରନ୍ତୁ।

୩. ହେକ୍ଟର ପ୍ରତି ଟେବୁକୋନାଜଲ ୨୫% ଡବ୍ଲୁ ଜି ୧.୫ ଗ୍ରାମ୍/ଲିଟର କିମ୍ବା ପାଇରାକ୍ଲୋଷ୍ଟ୍ରୋବିନ୍ ୧୦୦ ଜି ୨.୦ ମିଲି/ଲିଟର କିମ୍ବା ପିକୋକ୍ସିଷ୍ଟ୍ରୋବିନ୍ ୨୨.୫୨ ଏସ୍‌ସି ୧.୫ ମିଲି/ଲିଟର ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ।

## ଧାନର ପତ୍ରଚିତା ରୋଗ


ପତ୍ରଚିତା ରୋଗ

ଧାନ ଫସଲର ସବୁ ଅବସ୍ଥାରେ ଏହି ରୋଗ ଦେଖାଯାଏ। ପତ୍ର ଉପରେ ଛୋଟଛୋଟ ଗୋଲାକାର ଲାଲ ଧୂଷର ର୍ବର ଚିହ୍ନ ଦେଖାଯାଏ। ଏହି ଚିହ୍ନ ଚାରିପଟେ ସୁନା ହଳଦିଆ ରଙ୍ଗର ପାର୍ଶ୍ୱଛାୟା ଦେଖାଯାଏ। ଏହି ଭଳି ଶହ ଶହ ଚିହ୍ନ ପତ୍ରରେ ଦେଖାଯାଇଥାଏ। ପ୍ରତି ପତ୍ରରେ ୧୦ଟି ଚିହ୍ନ ଦେଖିଲେ କବକନାଶୀ ପ୍ରୟୋଗ କରାଯାଏ।

ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ଟ୍ରାଇସାଇକ୍ଲାଜୋଲ୍ ୧୮% + ମାଙ୍କୋଜେବ ୬୨% ୨.୦ଗ୍ରାମ୍/ଲିଟର କିମ୍ବା ପ୍ରୋପିନେବ ୭୦ ଡବ୍ଲୁପି ୩.୦ ଗ୍ରାମ/ଲିଟର ପାଣିରେ ସିଞ୍ଚନ କରିବା ଆବଶ୍ୟକ।

## ଧାନର ପତ୍ର ଆଚ୍ଛଦପୋଡ଼ା ରୋଗ



ଆଚ୍ଛଦପୋଡ଼ା ରୋଗ ଆକ୍ରାନ୍ତ କ୍ଷେତ ଓ ବୁଦା


ଏହି ରୋଗ ବର୍ଷା ଋତୁ ଶେଷ ଆଡକୁ ବ୍ୟାପକ ଭାବେ ଦେଖାଯାଏ। ପତ୍ର ଆଚ୍ଛଦରେ ବୋଡା ସାପକାତି ଭଳି ଚିହ୍ନ ଦେଖାଯାଏ। ଲଗାତାର ବର୍ଷା ଓ ମେଘୁଆ ପାଗ, କାଦୁଆ ଓ ସନ୍ତସନ୍ତିଆ ପରିସ୍ଥିତିରେ ଏହି

ରୋଗ ଶୀଘ୍ର ଶୀଘ୍ର ମାଡିଯାଏ। ଚିହ୍ନଗୁଡ଼ିକ ବଢ଼ି ମିଶିଗଲେ ତଳ ପତ୍ର ସମ୍ପୂର୍ଣ୍ଣ ହଳଦିଆ ହୋଇ ପୋଡି ଗଲାଭଳି ଦେଖାଯାଏ। ତଳିଘରାରେ ତଳି ଚକଡା ଚକଡା ହୋଇ ମରେ।

ହେକ୍ଟର ପ୍ରତି ୧୦୦୦ ମି.ଲି. ହେକ୍ସାକୋନାଜୋଲ୍ ୫ ଏସ୍‌ସି ବା ୫୦୦ ମି.ଲି. ପ୍ରୋପିକୋନାଜୋଲ୍ ୨୫ ଇସି ବା ଭାଲିଡାମାଇସିନ୍ ୩% ଏଲ୍ ୧୦୦୦ ମି.ଲି. ୫୦୦ଲିଟର ପାଣିରେ ଗୋଳାଇ ୭ ଦିନ ଅନ୍ତରରେ ୨ ଥର ପତ୍ର ସିଞ୍ଚନ କରନ୍ତୁ।

## ଧାନର ପତ୍ରପୋଡ଼ା ରୋଗ ଓ ପ୍ରତିକାର

ବର୍ଷା ଦିନେ ବର୍ଷା ବେଶିଦିନ କ୍ରମାଗତ ଭାବେ ଲାଗି ରହିଲେ, ଅଧିକ ଯବକ୍ଷାରଜାନ ଜାତୀୟ ସାର ପକାଇଲେ, ପିଲ ପକାଉଥିବା ଅବସ୍ଥାରେ ଏହି ରୋଗ ବେଶି ଦେଖାଯାଏ। ପତ୍ରର ଗୋଟିଏ ଧାରରେ ବା ଉଭୟ ଧାରରେ ପାଣି ଛାପିଲାଭଳି ଚିହ୍ନ ଦେଖାଯାଏ ଯାହାକି ପରବ□ୀ ସମୟରେ ହଳଦିଆ ପଡିଯାଏ। ରୋଗ ବଢ଼ିବା ସହିତ ଏହି ପୋଡା ଅଂଶ ତଳକୁ ଓ ମଝି ଶିରା ଆଡକୁ ମାଡିଯାଏ। ପତ୍ରର ଧାର ଢ଼େଉ ଢ଼େଉକା ଦେଖାଯାଏ।



ଧାନର ପତ୍ରପୋଡ଼ା ରୋଗରେ ଆକ୍ରାନ୍ତ ଧାନବିଲ

୧) ଜମିରୁ ପାଣି କାଟି ଜମି ଶୁଖାଇବା ଉଚିତ୍।

୨) ଏକର ପିଛା ୧୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ।

୩) ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୧୫୦୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

## ଧାନର ପତ୍ର ଆଚ୍ଛଦପଚା ରୋଗ

ଧାନକେଣ୍ଡା ବାହାରିବା ଠାରୁ ପାଚିବା ପର୍ଯ୍ୟନ୍ତ ଏହି ରୋଗ ବେଶି ଦେଖାଯାଏ। ଥୋଡ ପତ୍ରର ଆଚ୍ଛଦରେ ଏହା ବେଶି ହୁଏ। କେଣ୍ଡା ପକାଇବା ପୂର୍ବରୁ ଏହି ରୋଗ ଲାଗିଲେ କେଣ୍ଡା ବାହାରେ ନାହିଁ। ଥୋଡ ପତ୍ରର ଆଚ୍ଛଦ ଚକୋଲେଟ୍ ଧୂସର ରଙ୍ଗର ହୁଏ। କେଣ୍ଡା ଅଧାଅଧି ବାହାରେ, ଯଦି ବାହାରେ ତେବେ ସେଥିରେ ଫମ୍ପା ଧାନ ଥାଏ। ପ୍ରତି ୧୦ ବର୍ଗମିଟର ସ୍ଥାନରେ ଏହି ଭଳି ୩ରୁ ୫ଟି ଥୋଡ ପତ୍ରଆଚ୍ଛଦ ଆକ୍ରାନ୍ତ ହୋଇଥିଲେ ପ୍ରତିକାର କରିବା ଉଚିତ୍।



ପତ୍ର ଆଚ୍ଛାଦପଚା ରୋଗରେ ଆକ୍ରାନ୍ତ ଧାନଗଛ

ଏଥିପାଇଁ ହେକ୍ଟର ପିଛା ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁପି ବା ୫୦୦ମିଲି ପ୍ରୋପିକୋନାଜୋଲ୍ ୨୫ ଇସି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ।

## ଧାନର ସାଆରା ରୋଗ

କେଣ୍ଡା ପକାଇବା ସମୟରେ ବେଶିଦିନ ଥଣ୍ଡାପାଗ ରହିଲେ ଏହି ରୋଗ ଅଧିକ ଦେଖାଯାଏ। ଡ଼ିପ ଜମିରେ ହେଉଥିବା ଧାନରେ ଏହି ରୋଗର ମାତ୍ରା ଅଧିକ। ଆକ୍ରାନ୍ତ ଧାନର ଗର୍ଭାଶୟ ଫୁଲିଯାଇ ସେଗୁଡିକ ନୀଳ ବା କଳା ରଙ୍ଗର ଡିମାଡିମା ପିଣ୍ଡୁଳା ଭଳି ହୋଇଯାଏ। ମଞ୍ଜିଦ୍ୱାରା ଏହିରୋଗ ବ୍ୟାପିଥାଏ।



ସାଆରା ରୋଗ ଆକ୍ରାନ୍ତ ଧାନକେଣ୍ଡା

କପର ହାଇଡ୍ରୋକ୍ଲୋରାଇଡ଼ ୭୭ ଡବ୍ଲୁ ୨.୫ ଗ୍ରାମ୍/ଲିଟର ବା ଟ୍ରାଇସାଇକ୍ଲୋଜୋଲ୍ ୨୦.୪ + ଆଜୋକ୍ସିଷ୍ଟ୍ରୋବିନ୍ ୬.୮% ୨.୦ ମିଲି/ଲିଟର ବା ଟ୍ରାଇସାଇକ୍ଲୋଜୋଲ ୧୮% + ଟେବୁକୋନାଜୋଲ ୧୪.୪% ଏସ୍‌ସି ୨.୦ ମିଲି/ଲିଟର ୫୦୦ ଲିଟର ପାଣିରେ ହେକ୍ଟର ପ୍ରତି ସିଞ୍ଚନ କରନ୍ତୁ।


## ଧାନ ଫସଲର ସମନ୍ୱିତ ରୋଗ-ପୋକ ପରିଚାଳନା

୧. ଖରାଟିଆ ଚାଷ, ୨. ପ୍ରତିରୋଧ ଶକ୍ତିଥିବା ବିହନର ବ୍ୟବହାର

୩. ପହ୍ଲାଘାରୀରେ ଦାନାଦାର ବିଷ ପ୍ରୟୋଗ କିମ୍ବା ତଳିଚେର ବିଶୋଧନ



ସଙ୍ଗ ଆକର୍ଷକ ଯନ୍ତା



ଟ୍ରାଇକୋକାର୍ଡ଼

୪. ସଅଳ ରୁଆ, ୫. ଫେରୋମୋନ୍ ବା ଆଲୋକ ଯନ୍ତାର ବ୍ୟବହାର

୬. କୀଟ ପର୍ଯ୍ୟବେକ୍ଷଣ

୭. ପରାଶ୍ରୟୀ କୀଟର ପ୍ରୟୋଗ

୮. ଜୈବିକ ବିଷର ପ୍ରୟୋଗ

୯. ଆର୍ଥିକ ଦେହଳୀ ସୀମା ନିର୍ଦ୍ଧରଣ କରି ବଛାବଛା ରାସାୟନିକ ବିଷର ପ୍ରୟୋଗ



ଟ୍ରାଇକୋଗ୍ରାମା ମାଛି



ପାଣିରେ ଔଷଧ ମିଶ୍ରଣ



ଔଷଧ ସିଞ୍ଚନ ପ୍ରଣାଳୀ

# ଅନୁମୋଦିତ ଧାନ ବିହନ କିସମ


**ଢିପଜମି :** ହୀରା, କଳିଙ୍ଗ-୩, ବନ୍ଦନା, ପଥରା, ଘଟେଶ୍ୱରୀ, ଖଣ୍ଡଗିରି

**ଉଚ୍ଚ ମଝିଆଳି ଜମି:** ଅନ୍ନଦା, କୋଣାର୍କ, ଲଲାଟ, ଏମ୍ ଟି.ୟୁ ୧୦୦୧, ଆଇ.ଆର-୬୪

**ମଝିଆଳି ଜମି :** ଗୌରୀ, ସୁରେନ୍ଦ୍ର, ତପସ୍ୱିନୀ, ସ୍ୱର୍ଣ୍ଣ, ପ୍ରତୀକ୍ଷା

**ମଧ୍ୟମ ଖାଲ ଜମି:** ପୂଜା, ଉର୍ବଶୀ, ମୋତି, ମଶୁରୀ

**ଖାଲ ଜମି:** ଇନ୍ଦ୍ରାବତୀ, ରାମଚଣ୍ଡି, ସି.ଆର ୧୦୦୯, ଜଗବନ୍ଧୁ, ସି.ଆର ୧୦୧୪












Printed at: Ankita Graphics, Bhubaneswar
Email: saroj77337@gmail.com, Cell: 9437077337

OUAT Publication
No. 2024010138